This booklet contains 20 pages.
इस पुस्तिका में 20 पृष्ठ हैं ।

# JP-2-14

**PAPER II / प्रश्न-पत्र II**
**Odia Language Supplement**
**उड़िया भाषा परिशिष्ट**
**PART IV & V / भाग IV & V**

Test Booklet Code
परीक्षा पुस्तिका संकेत

**P**

Test Booklet No.
परीक्षा पुस्तिका संख्या

556909

**Do not open this Test Booklet until you are asked to do so.**
**इस परीक्षा पुस्तिका को तब तक न खोलें जब तक कहा न जाए ।**
**Read carefully the Instructions on the Back Cover (Page 19 & 20) of this Test Booklet.**
**इस परीक्षा पुस्तिका के पिछले आवरण (पृष्ठ 19 व 20) पर दिए निर्देशों को ध्यान से पढ़ें ।**

**For instructions in Odia see Page 2 of this Booklet. / उड़िया में निर्देशों के लिए इस पुस्तिका का पृष्ठ 2 देखें ।**

## *INSTRUCTIONS FOR CANDIDATES*

1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**.
2. Candidates are required to answer Part I and Part II **OR** III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately.
4. Use **Blue / Black Ball Point Pen only** for writing particulars on this page / marking responses in the Answer Sheet.
5. The CODE for this Language Booklet is **P**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **two** Parts, IV and V, consisting of **60** Objective Type Questions, each carrying 1 mark :
   Part-IV : Language I - (Odia) (Q. 91 to Q. 120)
   Part-V : Language II - (Odia) (Q. 121 to Q. 150)
7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia language have been given. **In case the language/s you have opted for as Language-I and/or Language-II is a language other than Odia, please ask for a Test Booklet that contains questions on that language. The languages being answered must tally with the languages opted for in your Application Form.**
8. **Candidates are required to attempt questions in Part -V (Language-II) in a language other than the one chosen as Language-I (in Part-IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

## *परीक्षार्थियों के लिए निर्देश*

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो **या** तो भाग IV (भाषा I) **या** भाग V (भाषा II) **उड़िया** भाषा में देना चाहते हैं, लेकिन **दोनों नहीं** ।
2. परीक्षार्थी भाग I एवं भाग II **या** III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से ।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं । भाषा परिशिष्टों को आप अलग से माँग सकते हैं ।
4. इस पृष्ठ पर विवरण अंकित करने एवं उत्तर पत्र पर निशान लगाने के लिए **केवल नीले/काले बॉल पॉइंट पेन** का प्रयोग करें ।
5. इस भाषा पुस्तिका का **संकेत है P** । यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है । अगर यह भिन्न हो तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, जो प्रत्येक 1 अंक का है :
   भाग-IV : भाषा I - (उड़िया) (प्र. 91 से प्र. 120)
   भाग-V : भाषा II - (उड़िया) (प्र. 121 से प्र. 150)
7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं । इस परीक्षा पुस्तिका में केवल उड़िया भाषा से संबंधित प्रश्न दिए गए हैं । **यदि भाषा-I और/या भाषा-II में आपके द्वारा चुनी गई भाषा(एँ) उड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए । जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए ।**
8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा I (भाग-IV) में चुनी गई भाषा से भिन्न हो ।**
9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें ।
10. सभी उत्तर केवल OMR उत्तर पत्र पर ही अंकित करें । अपने उत्तर ध्यानपूर्वक अंकित करें । उत्तर बदलने हेतु श्वेत रंजक का प्रयोग निषिद्ध है ।

SEAL

Name of the Candidate (in Capitals) : ____________________
परीक्षार्थी का नाम (बड़े अक्षरों में) :
Roll Number : in figures ____________________
अनुक्रमांक : (अंकों में)
: in words ____________________
: (शब्दों में)
Centre of Examination (in Capitals) : ____________________
परीक्षा केन्द्र (बड़े अक्षरों में) :
Candidate's Signature : ____________ Invigilator's Signature : ____________
परीक्षार्थी के हस्ताक्षर : निरीक्षक के हस्ताक्षर :
Facsimile signature stamp of
Centre Superintendent ____________________

P P

https://www.freshersnow.com/previous-year-question-papers/

ଏହି ପୁସ୍ତକରେ 20 ପୃଷ୍ଠା ଅଛି ।

# JP-2-14

## ପ୍ରଶ୍ନପତ୍ର II
## ଓଡ଼ିଆ ଭାଷା ପରିଶିଷ୍ଟ
## ଭାଗ IV & V

ପରୀକ୍ଷା ପୁସ୍ତକ କୋଡ

**P**

**ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ ।**

**ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 19 & 20) ଦିଆଯାଇଥିବା ନିର୍ଦ୍ଦେଶସବୁକୁ ଭଲ ଭାବରେ ପଢ଼ ।**

**ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :**

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ ଅଟେ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେହିମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟି ଭାଗ ପାଇଁ ନୁହେଁ** ।
2. ପରୀକ୍ଷାର୍ଥୀଗଣ ଭାଗ I ଓ ଭାଗ II **ଅଥବା** ଭାଗ III ଭାଗ ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ପସନ୍ଦ ମୁତାବକ ଭାଷାରେ ଦେବେ ।
3. ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ ନୀଳ କିମ୍ବା କଳା ବଲ୍ ପଏଣ୍ଟ ପେନ୍‌ରେ** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍ ହେଉଛି P** । ମୁଖ୍ୟ ପ୍ରଶ୍ନପତ୍ର ଉପର ଓ ଉତ୍ତର ଖାତାର **ପୃଷ୍ଠା-2** ସମାନ କୋଡ ରହିବା ନିଶ୍ଚିତ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ – ଭାଗ IV ଓ ଭାଗ V, ସମୁଦାୟ 60ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।
   ଭାଗ IV : ଭାଷା I – (ଓଡ଼ିଆ) *(ପ୍ରଶ୍ନ 91 ରୁ 120)*
   ଭାଗ V : ଭାଷା II – (ଓଡ଼ିଆ) *(ପ୍ରଶ୍ନ 121 ରୁ 150)*
7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁ ଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫକାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି OMR ଉତ୍ତର ଖାତାରେ ଉତ୍ତର ଚିହ୍ନଟ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀର ନାମ (ବଡ ଅକ୍ଷରରେ ଲେଖନ୍ତୁ) : ____________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ ____________________

: ଶବ୍ଦରେ ଲେଖନ୍ତୁ ____________________

ପରୀକ୍ଷା କେନ୍ଦ୍ର (ବଡ ଅକ୍ଷରରେ ଲେଖନ୍ତୁ) : ____________________

ପରୀକ୍ଷାର୍ଥୀର ହସ୍ତାକ୍ଷର : ____________ ନିରୀକ୍ଷକଙ୍କର ହସ୍ତାକ୍ଷର ____________

Facsimile signature stamp of

Centre Superintendent : ____________________

https://www.freshersnow.com/previous-year-question-papers/

Candidates should answer questions from the following Part only if they have opted for **ODIA** as **LANGUAGE – I.**

https://www.freshersnow.com/previous-year-question-papers/

## ଭାଗ – IV
## ଭାଷା – I
## ଓଡ଼ିଆ

ନିମ୍ନ ପ୍ରଦତ୍ତ ଅନୁଚ୍ଛେଦ ପାଠକରି ପ୍ରତି ପ୍ରଶ୍ନର ଚାରୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ନିର୍ଣ୍ଣୟ କର । (ପ୍ରଶ୍ନ **91** ରୁ **99** ପର୍ଯ୍ୟନ୍ତ)

ସ୍ୱୀକାର କରୁଅଛୁଁ, ଗତ ବିଷୟର ଶୋଚନା ଜୀବନରେ ବହୁତ ମଙ୍ଗଳ ସାଧନ କରିଥାଏ । ମାତ୍ର ଏହା ମାନବର ନିଷ୍କ୍ରିୟ ଶୋଚନା ନୁହେଁ । ଗତର ନିଷ୍କ୍ରିୟଶୋଚନା କେବଳ ପଶ୍ଚାଦ୍‌ଦୃଷ୍ଟିଛଡ଼ା ଅନ୍ୟ କିଛି ନୁହେଁ । ଯେତେବେଳେ ଗତର ଶୋଚନା ମାନବର ପ୍ରାଣରେ ନବୀନ ଉଦ୍ୟମ ପ୍ରେରଣା ସୃଷ୍ଟି କରି, ତାହାକୁ ଉନ୍ନତତର ଜୀବନର ଦିଗରେ ଚାଳିତ କରେ, ସେତେବେଳେ ତାହାର ପଶ୍ଚାଦ୍‌ଦୃଷ୍ଟି ତାହାର ପୁରୋଦୃଷ୍ଟିର ପରିସର ବଢ଼ାଏ ମାତ୍ର ଯଦି ମାନବ ସର୍ବଦା ଗତ ବିଷୟ ଉପରେ ଅଶ୍ରୁବିନ୍ଦୁ ବର୍ଷଣକରି ମନ ଓ ଶରୀରକୁ କର୍ମବିମୁଖ କରିପକାଏ, ତାହାହେଲେ ତାହାର ଜୀବନ ଜୀବନ୍ତମରଣ ଛଡ଼ା ଅନ୍ୟ କିଛି ନୁହେଁ । ଗତ ବିଷୟର ନିଷ୍କ୍ରିୟ ଶୋଚନାରୁ ଉତ୍ପନ୍ନ ଏହି କର୍ମବିମୁଖତା ପ୍ରତି ଲକ୍ଷ୍ୟରଖି କବି ବୋଧହୁଏ କହିଅଛନ୍ତି 'ଗତସ୍ୟ ଶୋଚନା ନାସ୍ତି' । ମାତ୍ର ଗତର ଶୋଚନା ନ କରିବା ଗତର ବିସ୍ମୃତି ହୋଇ ନପାରେ । କାରଣ, ଆମ୍ଭେମାନେ ଗତବିଷୟ ନେଇ ଦୁଃଖ ବା ଅନୁତାପ ଅନୁଭବ କରି ନ ପାରୁଁ, ତଥାପି ଗତବିଷୟ ସ୍ମରଣ କରିପାରୁଁ । ପୁଣି ଗତ ବିଷୟର ଶୋଚନାରେ ଆମ୍ଭେମାନେ ଜୀବନରେ ଯେଉଁ ଉତ୍ତାପ ଓ କ୍ଲାନ୍ତି ଅନୁଭବ କରୁଁ, ତାହା ମଧ୍ୟ ସ୍ମୃତି ଆକାରରେ ମନ ମଧ୍ୟରେ ସଞ୍ଚିତ ରହି, ଜୀବନର ବର୍ତ୍ତମାନ ଓ ଭବିଷ୍ୟତକୁ ନିୟମିତ କରିବାର ଦେଖାଯାଏ । ମନେକର, ତୁମ୍ଭେ ଗୋଟିଏ ଅନ୍ୟାୟ କାର୍ଯ୍ୟ କରିଅଛ । ଏଥିପାଇଁ ବର୍ତ୍ତମାନ ତୁମ୍ଭ ମନରେ ଭୟଙ୍କର ଦୁଃଖ ଆସି ଉପସ୍ଥିତ ହେଲା । ତୁମ୍ଭେ ଯଦି ସର୍ବଦା ଏହି ଅତୀତ ଅନ୍ୟାୟଟିର ବିଷୟରେ ଶୋଚନା କରି ଜୀବନକୁ ଦୁଃଖମୟ କରି ପକାଅ, ତାହାହେଲେ ତୁମ୍ଭ ମନର ପ୍ରସାର ଓ ପ୍ରସନ୍ନତା ରହିବ ନାହିଁ; ତେଣୁଁ ତୁମ୍ଭେ ଜୀବନରେ ଆଉ କୌଣସି କାର୍ଯ୍ୟ ସମାଧାନ କରିପାରିବ ନାହିଁ । ଫଳରେ ତୁମ୍ଭେ ଏହି ଦୁଃଖରୁ ରକ୍ଷାପାଇବା ଉଦ୍ଦେଶ୍ୟରେ ଗତର ଅନ୍ୟାୟକୁ ଭୁଲିଯିବାକୁ ଚେଷ୍ଟା କରିବ । କିନ୍ତୁ ତୁମ୍ଭେ ଏହି ଅନ୍ୟାୟ ଓ ତଜ୍ଜନିତ ଦୁଃଖ ବା ମର୍ମବେଦନାକୁ ଏକା ବେଳକେ ଭୁଲିଯାଇ ପାରିବ ନାହିଁ । ସମୟ ସମୟରେ ତୁମ୍ଭର ଏହି ଆତ୍ମ କ୍ଲେଶ ସ୍ମୃତି ଆକାରରେ ମନ ମଧ୍ୟରେ ଜାଗରିତ ହେବ ଓ ତୁମ୍ଭେ ଏହାରି ଦୃଷ୍ଟିରେ, ଏହିପରି କ୍ଲେଶ ଓ ଅଶାନ୍ତି ଅନୁଭବ କରିବା ଆଶଙ୍କାରେ, ତୁମ୍ଭର ବର୍ତ୍ତମାନ ଜୀବନକୁ ନିୟମିତ କରି ଭବିଷ୍ୟତ କର୍ମପନ୍ଥା ନିର୍ଦ୍ଦେଶ କରିବ । ଏହିପରି ତୁମ୍ଭଙ୍କୁ ଅତୀତର ଓ ତଜ୍ଜନିତ ଫଳକୁ ସ୍ମରଣ କରିବାକୁ ହେବ; ନଚେତ୍ ତୁମ୍ଭେ ଜୀବନଚଳନରେ କୌଣସି ନିୟମ ବା କ୍ରମ ଦେଖିବାକୁ ପାଇବ ନାହିଁ । ତେଣୁଁ ଯେଉଁମାନେ ଗତ ବିଷୟର ଆଲୋଚନା ନକରି, ସମସ୍ତ କାର୍ଯ୍ୟକଳାପକୁ ବିସ୍ମୃତିଗର୍ଭରେ ନିକ୍ଷେପପୂର୍ବକ ସର୍ବଦା ବର୍ତ୍ତମାନ ନିବଦ୍ଧ ହୋଇ ଜୀବନରେ ଗତି କରନ୍ତି, ସେମାନେ ଭ୍ରାନ୍ତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

https://www.freshersnow.com/previous-year-question-papers/

**91.** ଗତ ବିଷୟର ନିଷ୍କ୍ରିୟ ଶୋଚନାରୁ କ'ଣ ଉତ୍ପନ୍ନ ହୁଏ ?

(1) ଅନୁତାପ

(2) ଜୀବନ୍ତ ମରଣ

(3) କର୍ମ ବିମୁଖତା

(4) ଅନୁତାପର ଅଶ୍ରୁ

**92.** ମନମଧ୍ୟରେ ସ୍ମୃତି ଆକାରରେ କ'ଣ ଜାଗରିତ ହୁଏ ?

(1) ଆତ୍ମକ୍ଳେଶ

(2) ଅନୁଶୋଚନା

(3) କରିଥିବା ଅନ୍ୟାୟ

(4) ଜୀବନ ବିମୁଖତା

**93.** ଗତର ଅନ୍ୟାୟକୁ ଭୁଲିଯିବାକୁ କାହିଁକି ଚେଷ୍ଟା କରିବ ?

(1) ଦୁଃଖରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ

(2) ଅଗ୍ରଗତି କରିବା ପାଇଁ

(3) ପ୍ରସନ୍ନତା ପାଇଁ

(4) ବେଦନା ଦୂର କରିବା ପାଇଁ

**94.** କାହାକୁ ଏକା ବେଳେକେ ଭୁଲିଯାଇ ହୁଏ ନାହିଁ ?

(1) ଗତ ଅନ୍ୟାୟକୁ

(2) ନିଷ୍କ୍ରିୟତାକୁ

(3) ଅଶ୍ରୁଳ ଜୀବନକୁ

(4) ମର୍ମ ବେଦନାକୁ

**95.** ଅତୀତର ଓ ତଜ୍ଜନିତ ଫଳକୁ କ'ଣ କରିବାକୁ ହେବ ?

(1) ଅନୁତାପ କରିବାକୁ ହେବ

(2) ସ୍ମରଣ କରିବାକୁ ହେବ

(3) ବିସ୍ମୃତ ହେବାକୁ ହେବ

(4) କାର୍ଯ୍ୟକାରୀ କରିବାକୁ ହେବ

**96.** ଯେଉଁମାନେ ବର୍ତ୍ତମାନ ନିବଦ୍ଧ ହୋଇ ଜୀବନରେ ଗତି କରନ୍ତି ସେମାନେ କ'ଣ ?

(1) କାପୁରୁଷ

(2) ପାରିବାର ବ୍ୟକ୍ତି

(3) ସେମାନେ ମୂର୍ଖ

(4) ସେମାନେ ଭ୍ରାନ୍ତ

**97.** ଜୀବନରେ ଉତ୍ତାପ ଓ କ୍ଳାନ୍ତି କାହିଁକି ଅନୁଭବ କରୁ ?

(1) ଅନ୍ୟାୟ କରିଥିବାରୁ

(2) ଗତ ବିଷୟର ଶୋଚନାରେ

(3) ଅତିଶୟ ଦୁଃଖ ଯୋଗୁ

(4) ଅଶାନ୍ତି ଯୋଗୁ

**98.** ଜୀବନରେ ବହୁତ ମଂଗଳ ସାଧନ କିଏ କରିଥାଏ ?

(1) ନିଷ୍କ୍ରିୟ ଶୋଚନା

(2) ଗତ ବିଷୟର ଶୋଚନା

(3) ନବୀନ ଉଦ୍ୟମ

(4) ପଶ୍ଚାତ୍ ଦୃଷ୍ଟି

**99.** ପଶ୍ଚାଦ୍ଦୃଷ୍ଟି କ'ଣ ବଢ଼ାଏ ?

(1) ଗତ ବିଷୟରେ ଶୋଚନା

(2) ଉନ୍ନତତର ଜୀବନ

(3) ଦୁଃଖ

(4) ପୁରୋଦୃଷ୍ଟିର ପରିସର

https://www.freshersnow.com/previous-year-question-papers/

ନିମ୍ନ ପ୍ରଦତ୍ତ କବିତାଟି ପାଠକରି ପ୍ରତି ପ୍ରଶ୍ନର ଚାରୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ନିର୍ଣ୍ଣୟ କର । (ପ୍ରଶ୍ନ **100** ରୁ **105** ପର୍ଯ୍ୟନ୍ତ)

ତୋର ମୁକତିରେ ମୋର ମୁକତି ମା
ତୋର ହସେ ମୋର ହସ
ତୋହରି ଅନ୍ତର ଆଦେଶେ ଚଳେ ମୁଁ
ଘୋଷି ତୋର ମହାଯଶ ।
ଚିର ଦୁଃଖର ତୋ' ପାହାନ୍ତି ଅନ୍ଧାର
ରାତି ଆସୁଅଛି ପାହି
ସେ ନୂଆ ସପନେ ଫୁଲେ ମୁଁ ଆନନ୍ଦେ
ଜୟଗାନ ତୋର ଗାଇ ।
ତୁହି ଦେବଭୂମି ତୁହି ବୀରଭୂମି
ତୁହି ମୋ ଭାରତ ମାଆ
ତୋର ପାଦଧୂଳି ମୁଣ୍ଡେ ହୋଇ ବୋଲି
ରଖିବି ତୋହର ନାଆଁ ।
ଚେତନ-ଗରଭା-ମାଟି
କେଉଁଟି ହଜିଛି ଖୋଜି ଦେ ମୋର
ଚେତନାର ଚାବିକାଠି ।

**100.** ପାହାନ୍ତି ଅଂଧାର ରାତି ବୋଲି କାହାକୁ ସୂଚାଯାଇଛି ?

(1) ମୁକ୍ତିକୁ

(2) ବୀରଭୂମିକୁ

(3) ଚିର ଦୁଃଖକୁ

(4) ଅନ୍ତରକୁ

**101.** ବୀରଭୂମି କିଏ ?

(1) ଭାରତ ମାଆ

(2) ଦେବଭୂମି

(3) ମୁକ୍ତିଭୂମି

(4) ଅଂଧାର ରାତି

**102.** କ'ଣ ଖୋଜି ଦେବା ପାଇଁ କବି କହିଛନ୍ତି ?

(1) ପାଦଧୂଳି

(2) ମାଟି

(3) ଚେତନାର ଚାବିକାଠି

(4) ନୂଆସପନ

**103.** ମୁଣ୍ଡରେ କ'ଣ ବୋଲି ହେବାପାଇଁ କବି କହିଛନ୍ତି ?

(1) ଭାରତ ମାଆର ପାଦଧୂଳି

(2) ଚେତନା ଗରଭା-ମାଟି

(3) ମୁକ୍ତିର ହସ

(4) ଭାରତ ମାଆର ନାଆଁ

**104.** କାହାର ଜୟଗାନ ଗାଇବା କଥା କୁହାଯାଇଛି ?

(1) ଆନନ୍ଦର

(2) ଭାରତ ମାଆର

(3) ସପନର

(4) ମହାଯଶର

**105.** କାହାର ମହାଯଶ ଘୋଷି କବି ଚଳନ୍ତି ବୋଲି କହିଛନ୍ତି ?

(1) ନୂଆ ସପନର

(2) ଆଦେଶର

(3) ପାଦଧୂଳିର

(4) ଭାରତମାଆର

https://www.freshersnow.com/previous-year-question-papers/
https://www.freshersnow.com/previous-year-question-papers/

**ନିର୍ଦ୍ଦେଶାବଳୀ** : ପ୍ରତ୍ୟେକ ପ୍ରଶ୍ନର ତଳେ ଦିଆଯାଇଥିବା ସମ୍ଭାବିତ ଉତ୍ତର ଗୁଡିକ ମଧ୍ୟରୁ ଠିକ୍ ଉତ୍ତରଟି ବାଛନ୍ତୁ ।

**106.** ପଠନ କାଳରେ ସଂଗ୍ରହ କୌଶଳ ହେଲା _____ ।

(1) ଟିପିନେବା
(2) ବିଶ୍ଳେଷଣ
(3) ବିଭ୍ରାନ୍ତି
(4) ସାରାଂଶ ପ୍ରସ୍ତୁତି

**107.** ଶ୍ରବଣ – କଥନକୁ ଆଧାରକରି ମୂଲ୍ୟାୟନ ନିମିତ୍ତ ନିମ୍ନ ବାକ୍ୟ ବିନିମୟକୁ ପଢି ଏହାର ମୂଲ୍ୟାୟନ କିପରି କରାଯିବ ଉଲ୍ଲେଖ କର ।

ଶିକ୍ଷକ : ତୁମର ପ୍ରିୟ ଖେଳ ବିଷୟରେ ତୁମ ବନ୍ଧୁଙ୍କୁ କୁହ

ଶିକ୍ଷାର୍ଥୀ-1 : କାହିଁକି ? ଆମେ କ'ଣ ଆଲୋଚନା କରି ପାରିବୁ ନାହିଁ ?

ଶିକ୍ଷାର୍ଥୀ-2 : ଠିକ୍ ଅଛି ..... ମୁଁ ତାଙ୍କୁ କବାଡ଼ି ବିଷୟରେ କହିବି ?

(1) ଶିକ୍ଷାର୍ଥୀ-2 ର ଉତ୍ତର ଠିକ୍ ।
ଶିକ୍ଷାର୍ଥୀ-1 ତାଙ୍କର ଉତ୍ତର ଠିକ୍ ଭାବରେ ଦେଇ ନାହାନ୍ତି ।
(2) ଶିକ୍ଷାର୍ଥୀ-1 ଠିକ୍ ।
ଶିକ୍ଷାର୍ଥୀ-2 ଠିକ୍ ଉତ୍ତର ଦେଇ ନାହାନ୍ତି ।
(3) ଉଭୟ ଶିକ୍ଷାର୍ଥୀ, 1 ଓ 2 ଠିକ୍ ଉତ୍ତର ଦେଇଛନ୍ତି
(4) ଉଭୟ ଶିକ୍ଷାର୍ଥୀ, 1 ଓ 2 ଠିକ୍ ଉତ୍ତର ଦେଇନାହାନ୍ତି

**108.** ଗବେଷଣାର ଫଳ ଅନୁଯାୟୀ ଏଥିମଧ୍ୟରୁ କେଉଁଟି ପାଠ ପଢ଼ା ଆରମ୍ଭ କରିବା ପୂର୍ବରୁ ଦିଆଯାଉଥିବା ଘରୋଇ-କାର୍ଯ୍ୟ, ଯାହା ପିଲାଙ୍କର ପଠନରେ ସଫଳତା ଆଣିବାରେ ଉପଯୋଗୀ ହୋଇଥାଏ ।

(1) ନର୍ସରୀ ରାଇମ୍‌ସକୁ ମନେ ରଖିବା
(2) ପରିବାରଲୋକେ ବିଦ୍ୟାଳୟ ବିଷୟରେ ଆଲୋଚନା କରିବା
(3) ପିଲାମାନଙ୍କ ସମ୍ମୁଖରେ ପିତାମାତା ଉଚ୍ଚସ୍ୱରରେ ପଠନ କରିବା
(4) ପିତାମାତା ପିଲାଙ୍କୁ ବର୍ଣ୍ଣମାଳା ଶିଖେଇବା

**109.** ଯେତେବେଳେ ଜଣେ ଶିକ୍ଷାର୍ଥୀ ବଡ଼ପାଟିରେ ପଢ଼ିବାବେଳେ କୌଣସି ଏକ ଶବ୍ଦ ପରିବର୍ତ୍ତେ ସମାନ ଅର୍ଥବୋଧକ ଆଉଏକ ଶବ୍ଦ ଉଚ୍ଚାରଣ କରିଥାଏ, ସେତେବେଳେ ଶିକ୍ଷକ –

(1) ଶିକ୍ଷାର୍ଥୀକୁ ଶବ୍ଦଟି ଠିକ୍ ଭାବରେ ପଢ଼ିବାକୁ କହିବା ଉଚିତ୍ ।
(2) ଶିକ୍ଷାର୍ଥୀକୁ ସେହିପରି ପଢିବାର ସୁଯୋଗ ଦେବା ଉଚିତ୍ ।
(3) ସଂଶୋଧନ କରିବାପାଇଁ ବଡ଼ ପାଟିରେ ଠିକ୍ ଶବ୍ଦଟି ଉଚ୍ଚାରଣ କରିବା ଉଚିତ୍ ।
(4) ଦୁଇଟିଯାକ ଶବ୍ଦ ଲେଖି ଠିକ୍ ଶବ୍ଦଟି ଚିହ୍ନିବାକୁ ଶିକ୍ଷାର୍ଥୀକୁ ନିର୍ଦ୍ଦେଶ ଦେବା ଉଚିତ୍ ।

https://www.freshersnow.com/previous-year-question-papers/
https://www.freshersnow.com/previous-year-question-papers/

**110.** କାହାକୁ ଅନୁକରଣ ନକରି ନିଜସ୍ୱ ଶୈଳୀରେ ଲେଖିବାକୁ ______ ରଚନା କୁହାଯାଏ ।

(1) ଅବାସ୍ତବ ବା କପୋଳ କଳ୍ପିତ

(2) ସଂଳାପଧର୍ମୀ (ନାଟକ ପାଇଁ)

(3) ସୃଜନାତ୍ମକ

(4) ପତ୍ରଧର୍ମୀ

**111.** କେଉଁ ଶିକ୍ଷା ପଦ୍ଧତି ଉନ୍ନତ ମାନର ଏବଂ ସେଥିରେ ଅଧିକ ଯତ୍ନ ନେବା ଦରକାର ।

(1) ମନେ ରଖିବା ବା ଘୋଷିବା

(2) ବୁଝି ଉତ୍ତର କରିବା

(3) ମୂଲ୍ୟାୟନ ମୂଳକ

(4) ପ୍ରୟୋଗାତ୍ମକ

**112.** କୌଣସି ନିର୍ଦ୍ଦିଷ୍ଟ ଭାଷାଗୋଷ୍ଠୀଙ୍କର ବ୍ୟବହୃତ ଭାଷାର ବିଭିନ୍ନ ରୂପକୁ କ'ଣ କୁହାଯାଏ ?

(1) ଉଚ୍ଚାରଣ

(2) ଉପଭାଷା

(3) ବଳାଘାତ

(4) ସ୍ୱର

**113.** ଶିକ୍ଷା ଆହରଣର ଯଥାର୍ଥ ଉପାଦାନ କେଉଁ ବିଭାଗରୁ ମିଳିଥାଏ ?

(1) ଟେଲିଭିଜନ, ରେଡ଼ିଓ

(2) ପ୍ରୋଜେକ୍ଟର

(3) ନମୁନା ଓ ଚାର୍ଟ

(4) କ୍ଷେତ୍ର ପରିଦର୍ଶନ

**114.** ଜଣେ ବ୍ୟକ୍ତି ସିନେମାହଲ୍‌ରେ ଆପଣଙ୍କ ପଛ ସିଟ୍‌ରେ ବସି ମୋବାଇଲ୍ ଫୋନ୍‌ରେ କଥାବାର୍ତ୍ତା ଆରମ୍ଭ କରନ୍ତି । ଆପଣ ତାଙ୍କୁ ଫୋନ୍ ବନ୍ଦ କରିବାକୁ କହିବାକୁ ଚାହନ୍ତି । ତେବେ କିପରି ଅନୁରୋଧ ଜଣାଇବେ ?

(1) ବଡ଼ ପାଟିରେ କଥାବାର୍ତ୍ତା କରିବା ବନ୍ଦ କର ।

(2) ଦୟାକରି ସିନେମା ଗୃହରେ ମୋବାଇଲ୍ ଫୋନ୍ ବ୍ୟବହାର କରନ୍ତୁ ନାହିଁ ।

(3) କ'ଣ ଆପଣ ମୋବାଇଲ୍ ଫୋନ୍‌ର ବ୍ୟବହାର ବନ୍ଦ କରିବେ ନାହିଁ ?

(4) ତୁମେ ମୋବାଇଲ୍ ଫୋନ୍ ବନ୍ଦ କରି ପାରିବ କି ?

https://www.freshersnow.com/previous-year-question-papers/

**115.** ଏଥିମଧ୍ୟରୁ କେଉଁଟି ହୃଦୟଗ୍ରାହୀ ରଚନା ?

(1) ଚାକିରି କ୍ଷେତ୍ରରେ ମୂଲ୍ୟାୟନ ଏବଂ ସଂପାଦଙ୍କ ନିକଟକୁ ପତ୍ର

(2) ଜୀବନୀ ଓ ଆତ୍ମଜୀବନୀ

(3) ବିଶ୍ୱକୋଷର ପ୍ରବନ୍ଧ ତଥାଚିତ୍ର

(4) ସମ୍ବାଦ ଓ ପାଠ୍ୟ ପୁସ୍ତକ

**116.** ଶିକ୍ଷକଙ୍କୁ ଶିକ୍ଷାର୍ଥୀଙ୍କର ଉନ୍ନତ ଚିନ୍ତାଶୀଳତା କୌଶଳ ବଢ଼ାଇବାକୁ ହେଲେ ଏଥି ମଧ୍ୟରୁ କେଉଁ ମାଧ୍ୟମ ଗ୍ରହଣ କରିବା ଦରକାର ?

(1) ତାଙ୍କର ପଠନରେ ସହଯୋଗିତା କରିବାକୁ ଯାଇ ଶିକ୍ଷାର୍ଥୀଙ୍କୁ କିଛି ପ୍ରଶ୍ନ ପଠନ ପୂର୍ବରୁ ଦେବା ।

(2) ପାଠ୍ୟକୁ ଭଲ ଭାବରେ ବୁଝିବା ପାଇଁ ଶିକ୍ଷାର୍ଥୀଙ୍କୁ ଅପରିଚିତ ଶବ୍ଦ ଗୁଡିକୁ ମୁଖସ୍ଥ କରାଇବା

(3) ପଠନ ସମୟରେ ସ୍ୱତଃ ପ୍ରଶ୍ନ କରିବା ବା ଯୁକ୍ତି ବାହାର କରିବା ଶିଖାଇବା

(4) ଶିକ୍ଷାର୍ଥୀଙ୍କୁ ଉପଲବ୍ଧିମୂଳକ ପ୍ରଶ୍ନ ପଚାରିବାର ସୁଯୋଗ ଦେବା

**117.** 'ଶୀର୍ଷକ ବାକ୍ୟ' ଏକ ପ୍ରକାରର ବାକ୍ୟ ଯାହାଦ୍ୱାରା _____ ପ୍ରକାଶ ପାଇଥାଏ ।

(1) ପ୍ରବନ୍ଧର ମୁଖ୍ୟ ଦିଗ

(2) କବିତା କିମ୍ବା ପ୍ରବନ୍ଧର ନାମ

(3) ଏକ ଅନୁଚ୍ଛେଦର ମୁଖ୍ୟ ଉଦ୍ଦେଶ୍ୟ

(4) ଏକ ପ୍ରବନ୍ଧର ଉପଶୀର୍ଷକ

**118.** ଶିକ୍ଷାର୍ଥୀଙ୍କୁ ବିଶ୍ୱକୁ ଭଲ ପାଇବା ସଂଗେ ସଂଗେ ଶାନ୍ତିପୂର୍ଣ୍ଣ ଭବିଷ୍ୟତ ଲାଭ କରିବାର ପ୍ରେରଣା ଦେବା ସହିତ ତାଙ୍କର ଯତ୍ନ ନେବା ଓ ସେମାନଙ୍କୁ ଅନ୍ୟର ଯତ୍ନ ନେବାପାଇଁ ପ୍ରବର୍ତ୍ତାଇବାକୁ _____ ଶିକ୍ଷା କୁହାଯାଏ ।

(1) ପତ୍ରାଚାର

(2) ସାଧାରଣ

(3) ବ୍ୟବସାୟିକ

(4) ମୂଲ୍ୟବୋଧଭିତ୍ତିକ

**119.** କୌଣସି ଅନୁଚ୍ଛେଦର ଅପରିଚିତ ଶବ୍ଦ ଗୁଡିକର ଅର୍ଥ ଅନୁମାନ କରିବାକୁ _____ ଦକ୍ଷତା ବା କୌଶଳ କୁହାଯାଏ ।

(1) ଶ୍ରବଣ

(2) କଥନ

(3) ପଠନ

(4) ଲେଖନ

**120.** ଯେତେବେଳେ ଆମେ ସମ୍ବାଦପତ୍ରରେ ପ୍ରକାଶିତ ଏକ ବିଜ୍ଞାପନକୁ ନିଖୁଣ ଭାବରେ ପଢନ୍ତି ତାକୁ _____ ପଠନ କୁହା ଯାଏ ।

(1) କେନ୍ଦ୍ରୀଭୂତ

(2) ତନ୍ନ ତନ୍ନ କରି

(3) ବିସ୍ତୃତ

(4) ଉପର ଠାଭରିଆ

https://www.freshersnow.com/previous-year-question-papers/

Candidates should answer questions from the following Part only if they have opted for **ODIA** as **LANGUAGE – II.**

https://www.freshersnow.com/previous-year-question-papers/

## ଭାଗ – V
## ଭାଷା – II
## ଓଡ଼ିଆ

ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରତି ପ୍ରଶ୍ନର ଚାରୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ନିର୍ଣ୍ଣୟ କର । (ପ୍ରଶ୍ନ **121** ରୁ **129** ପର୍ଯ୍ୟନ୍ତ)

ଅନେକେ ଝୁଙ୍କ ଲାଗିଗଲାବେଳେ ଗୁଡାଏ କରି ପକାନ୍ତି, କିନ୍ତୁ ସେପରି ଝୁଙ୍କ ବେଶି ଦିନ ରହେନାହିଁ । କର୍ମଟି ସମ୍ପୂର୍ଣ୍ଣ ନହେଉଣୁ, ବହୁତ୍ର ସେ ଝୁଙ୍କ ଛାଡ଼ିଯାଏ, କର୍ମ ପ୍ରତି-ମମତା ସଙ୍କୁଚିତ ହୋଇଆସେ, ଫଳରେ କର୍ମ ଅପୂର୍ଣ୍ଣ ପଡ଼ି ପଡ଼ି ସଡ଼ିଯାଏ । ସମୟ ବିଶେଷରେ କର୍ମ ସଂପନ୍ନ ହୋଇପାରେ, କିନ୍ତୁ କର୍ମରେ ଯୋଗ ବା ନିୟମିତତା ଅଭାବରୁ ଏହା ପ୍ରାଣରେ ସାଧନାର ନିରାମୟ ପନ୍ଥା ଫିଟାଇପାରେ ନାହିଁ । ଆମ୍ଭେମାନେ ବଡ଼ ବଡ଼ ଶକ୍ତିଶାଳୀ ଲୋକ ଦେଖିଅଛୁଁ, ତାଙ୍କର ଶକ୍ତିସାମର୍ଥ୍ୟ, ବୁଦ୍ଧିବିଚକ୍ଷଣତା ଦେଖିଲେ ପୂଜା କରିବାକୁ ପ୍ରବୃତ୍ତି ହୁଏ; କିନ୍ତୁ ସେ କୌଣସି କାମର ଲୋକ ନୁହନ୍ତି । ଏହି ନିୟମିତତା ବା ଯୋଗ ଅଭାବରୁ ତାଙ୍କର ଜୀବନରେ ଗୋଟିଏ ହେଲେ କର୍ମ ସୁଫଳ ଧରି ନାହିଁ ।

ଚିତ୍ତଚାଞ୍ଚଲ୍ୟ ଜୀବନକୁ ଧ୍ୱଂସ କରିଥାଏ । କର୍ମରେ ସମସ୍ତ ଶକ୍ତି ବିନିଯୋଗ କର, କିନ୍ତୁ ଚଞ୍ଚଳ ହୁଅ ନାହିଁ । ଦୃଷ୍ଟି ଉପାୟରେ ନିବଦ୍ଧ ରହି, ଉପାୟ ପ୍ରତି ସାବଧାନ ହେଉ । ଫଳରୁ ମନ ଆଣି କର୍ମରେ ସଂଯତ କର – ସକଳ ଚାଞ୍ଚଲ୍ୟ ଲୋପପାଇବ । ହଠାତ୍ ଗୁଡ଼ାଏ ପାଇଯିବି, ଜଗତକୁ ଶକ୍ତିର ଅଲୌକିକ ବିଭାସରେ ଝଲସାଇ ଦେଇ କୀର୍ତ୍ତିପତାକା ଉଡ଼ାଇ ଦେବି, ଏ ଲୋଭ, ଏଭଳି ଅହଙ୍କାର ନ ଥିଲେ, ମନ ଚଞ୍ଚଳ ହେବ କାହିଁକି ? ପୁଣି ଅସିଦ୍ଧିର ଆଶଙ୍କା, ଅଳ୍ପ ଉଦ୍‌ବେଗ ଓ ଅଶାନ୍ତି ଆଣି ନ ଥାଏ । ଚେଷ୍ଟା ସ୍ଥିର ଧୀର, ମନ ନିରୁଦ୍‌ବିଗ୍ନ ରହୁ, ଉଦ୍‌ଯୋଗ ସମ୍ଭବତଃ ବଳୀୟାନ୍ ହେବ ।

ହାତେ ମାପି ଚାଖଣ୍ଡେ ଚାଲିବା ଭଲ; କିନ୍ତୁ ଭଲ ବୋଲି ଖାଲି ମାପି ବସିଲେ, ଚାଲିବା ହେବ ନାହିଁ । ପ୍ରବୀଣତା ଅନେକ ସମୟରେ ସ୍ଥବିରତା ଆଣିଥାଏ । ସେଥିପାଇଁ ପ୍ରବୀଣର ବିଚାର ଯୁବକର ଉନ୍ମାଦନା ନିକଟରେ ଅସାର ଓ ଅସଙ୍ଗତ ପ୍ରତୀୟମାନ ହୁଏ – ଅବହେଳା ପାଇଥାଏ କିନ୍ତୁ ବିଚାରଶୂନ୍ୟ ନିରଙ୍କୁଶ କର୍ମ ମାନବର ପଶୁ ବିଭାଗ ହିଁ ଅଧିକତର ପରିସ୍ଫୁଟ କରେ । 'ହାତରୁ ଖସିଲେ, ଅଣଆୟତ୍ତ' । ହଠାତ୍ କାମଟି କରି ପକାଇ, ମୁଣ୍ଡ କାନ ଆଉଁସି 'ହା-ହତୋସ୍ମି' ହୋଇ ବସିରହିବା ବିଚାରବାନ୍‌ର ଭାଗ୍ୟରେ କଦାପି ଘଟିବ ନାହିଁ । 'ବୁଝି ବିଚାରି କର୍ମ କଲେ, ପ୍ରମାଦ ନ ପଡଇ ଭଲେ' ।

ଆତ୍ମଶକ୍ତି ପରୀକ୍ଷା କର, କର୍ମ ଗ୍ରହଣ କର – ସେଥି ସଙ୍ଗେ ସଦବତ୍ ବିଚାର ମଧ୍ୟ ଜାଗ୍ରତ ରଖ । ବର୍ତ୍ତମାନର କ୍ଷଣିକ ସୁଖ ପାଇଁ ଅନନ୍ତ ଭବିଷ୍ୟତ ବିକିଦିଅ ନାହିଁ । ମୁହୂର୍ତ୍ତକ ଅନବଧାନତା ଜୀବନ ବ୍ୟାପୀ ଭୋଗିବାକୁ ନ ପଡୁଁ ।

**121.** ଚିତ୍ତଚାଞ୍ଚଲ୍ୟ ଜୀବନକୁ କ'ଣ କରିଥାଏ ?

(1) ଶକ୍ତି ବିନିଯୋଗ କରିଥାଏ

(2) ଦୃଷ୍ଟି ନିବଦ୍ଧ କରିଥାଏ

(3) ଧ୍ୱଂସ କରିଥାଏ

(4) ଅହଂକାରୀ କରିଥାଏ

https://www.freshersnow.com/previous-year-question-papers/

122. ମନକୁ ଫଳରୁ ଆଣି କ'ଣ କରିବା ଉଚିତ୍ ?

(1) ଚଞ୍ଚଳଚିତ୍ତ କରିବା

(2) କର୍ମରେ ସଂଯତ କରିବା

(3) ଶକ୍ତିର ଅଲୌକିକତା ଦେଖାଇବା

(4) କୀର୍ତ୍ତି ପତାକା ଉଡ଼ାଇବା

123. ଖାଲି ମାପି ବସିଲେ କ'ଣ ହେବ ?

(1) ସ୍ଥବିରତା ଆସିଯିବ

(2) ଉନ୍ମାଦନା କମିଯିବ

(3) ବିଚାରଶୂନ୍ୟ ହୋଇଯିବ

(4) ଚାଲିହେବ ନାହିଁ

124. ପ୍ରବୀଣତା ଅନେକ ସମୟରେ କ'ଣ ଆଣିଥାଏ ?

(1) ସ୍ଥବିରତା

(2) ଅଲୌକିକତା

(3) ଅଶାନ୍ତି

(4) ଉଦ୍‌ବେଗ

125. ଯୁବକର ଉନ୍ମାଦନା ନିକଟରେ ପ୍ରବୀଣର ବିଚାର କ'ଣ ପାଇଥାଏ ?

(1) ଅସମ୍ମାନ

(2) ଅବହେଳା

(3) ଅସଂଗତି

(4) ଅପମାନ

126. ଆତ୍ମଶକ୍ତି ପରୀକ୍ଷା ଓ କର୍ମ ଗ୍ରହଣ ସହିତ ଆଉ କ'ଣ କରିବା ଉଚିତ ?

(1) ବର୍ତ୍ତମାନର ସୁଖ ଲାଭ

(2) ସବୁକଥା ବିଚାର କରିବା

(3) ଅସାରତା ପରିହାର କରିବା

(4) ସଦ୍‌ବତ୍ ବିଚାର ଜାଗ୍ରତ ରଖିବା

127. ପଡ଼ି ପଡ଼ି କିଏ ସଢ଼ିଯାଏ ?

(1) କ୍ରମପ୍ରତି ମମତା

(2) ଝୁଙ୍କ

(3) ଅପୂର୍ଣ୍ଣ କର୍ମ

(4) ଶକ୍ତି ସାମର୍ଥ୍ୟ

128. ପ୍ରାଣରେ ସାଧନର ପନ୍ଥା ଫିଟି ପାରେ ନାହିଁ କାହିଁକି ?

(1) କର୍ମରେ ନିୟମିତତା ଅଭାବରୁ

(2) କର୍ମ ପ୍ରତି ମମତା ନଥିବାରୁ

(3) ବିଚକ୍ଷଣତା ନଥିଲେ

(4) ଝୁଙ୍କ ଛାଡ଼ିଗଲେ

129. ମୁହୂର୍ତ୍ତକ ଅନବଧାନତା କ'ଣ କରାଏ ?

(1) ଭବିଷ୍ୟତ ବିକିଦିଏ

(2) ଜୀବନବ୍ୟାପୀ ଭୋଗ କରାଏ

(3) ଅଣଆୟତ୍ତ କରାଏ

(4) ହା-ହତୋସ୍ମି କରାଏ

https://www.freshersnow.com/previous-year-question-papers/

ନିମ୍ନପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରତି ପ୍ରଶ୍ନର ଚାରୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ନିର୍ଣ୍ଣୟ କର । (ପ୍ରଶ୍ନ **130** ରୁ **135** ପର୍ଯ୍ୟନ୍ତ)

ପୁଣି ଦେଖାଯାଏ, କେହି କେହି ସ୍ନେହ ଓ ମମତାର ଅଧୀନ ହୋଇ ସେମାନଙ୍କ ସ୍ନେହାସ୍ପଦ ବା ମମତାବଦ୍ଧ ଲୋକମାନଙ୍କୁ ସର୍ବଦା ଅନୁକୂଳ ଭାବରେ ସମାଲୋଚନାକରନ୍ତି ଏବଂ ସେମାନଙ୍କ ଦୋଷଗୁଡ଼ିକ ଉପରେ କୌଣସି ମନ୍ତବ୍ୟ ପ୍ରକାଶ ନ କରି ସେଗୁଡିକୁ ଲୋକସମାଜରୁ ଲୁଚାଇ ରଖନ୍ତି । ମାତ୍ର ସମାଲୋଚନାକ୍ଷେତ୍ରରେ ସଙ୍କୀର୍ଣ୍ଣତାର ଆଶ୍ରୟ ନେଇ ସର୍ବଦା ଅନୁକୂଳ ମତ ପ୍ରକାଶକରିବା ଏବଂ ବିଶେଷତଃ ବ୍ୟକ୍ତିମାନଙ୍କର ଅସତ୍ୟ ଚିତ୍ର ପ୍ରଦାନକରିବା କେବଳ ହିନତା ଛଡ଼ା କିଛି ନୁହେଁ । ମିତ୍ରର କାର୍ଯ୍ୟଗୁଡ଼ିକ ଯେତେ ନୀଚ ହେଲେ ସୁଦ୍ଧା ମହତ୍ ଏବଂ ଶତ୍ରୁର କାର୍ଯ୍ୟଗୁଡିକ ଯେତେ ମହାନ ହେଲେ ମଧ୍ୟ ଅପ୍ରଶଂନୀୟ, ଏହିପରି ମତ ପ୍ରକାଶକରି ସମାଲୋଚକମାନେ ସ୍ଥୂଳମସ୍ତିଷ୍କତାର ପରିଚୟ ଦେଇଥାନ୍ତି । ଏହି ହିନତା, ଏହି ସଂକୀର୍ଣ୍ଣତା ଯେତେଦିନ ପର୍ଯ୍ୟନ୍ତ ଜାତୀୟ-ଜୀବନରେ ସ୍ଥାନ ପାଉଥିବ, ତାହାର ବିକାଶ ସେତେଦିନପର୍ଯ୍ୟନ୍ତ ସୁଦୂର ପରାହତ ହୋଇ ରହିଥିବ ।

ଏହାଛଡ଼ା ଆଉ କେତେକ ଲୋକ ଏତେ ଭୀରୁ ଓ ଦୁର୍ବଳ ଯେ ସେମାନେ କୌଣସି ବ୍ୟକ୍ତି ସମ୍ବନ୍ଧରେ ନିଜ ନିଜର ସ୍ୱାଧୀନ ମତ ବ୍ୟକ୍ତକରିବାକୁ ବଡ଼ କୁଣ୍ଠିତ ହୁଅନ୍ତି । ବ୍ୟକ୍ତିମାନଙ୍କ ପ୍ରତି ସେମାନଙ୍କର ଆସ୍ଥା ଏତେ ଅଧିକ ଯେ, ସେମାନେ ଭୟରେ ବିବେକବାଣୀର ଉଚ୍ଛ୍ୱାସ ବନ୍ଦକରି ସେମାନଙ୍କ ସମ୍ବନ୍ଧରେ ଶିଥିଳ ମତ ପ୍ରକାଶକରିଥାନ୍ତି ଏବଂ ଏହି ଶିଥିଳତାବଶତଃ ଅନେକ ସମୟରେ ଅସତ୍ୟକୁ ସତ୍ୟବୋଲି ଗ୍ରହଣକରିବାକୁ ବାଧ୍ୟହୋଇଥାନ୍ତି । ମାତ୍ର ଏପରି ଦୁର୍ବଳତା ଶୀଘ୍ର ପରିତ୍ୟଜ୍ୟ । ଅବଶ୍ୟ ଏଥିରୁ ବୁଝିବାକୁ ହେବ ନାହିଁ ଯେ, ଆମ୍ଭମାନଙ୍କୁ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସମ୍ବନ୍ଧରେ ଅଯଥା ଲଘୁମତ ପ୍ରକାଶ କରିବାକୁ ହେବ । ଦୋଷର ସମାଲୋଚନା ଶ୍ରେୟସ୍କର, ମାତ୍ର ଏହା ବୋଲି ଅଭକ୍ତି, ଅଶ୍ରଦ୍ଧା ଓ ଅହଂକାରରେ ଚାଳିତହୋଇ ଲୋକମାନଙ୍କ ମହତ୍ତ୍ୱ ନଷ୍ଟକରିବା ସର୍ବଦା ଅବିଧେୟ ।

ଉପରେ ଆମ୍ଭେମାନେ ଅନ୍ୟମାନଙ୍କ ସମ୍ବନ୍ଧରେ କିପରି ମନ୍ତବ୍ୟ ଦେବାକୁ ହେବ, ତାହା ଆଲୋଚନା କରିଅଛୁଁ । ମାତ୍ର ଏହାଛଡ଼ା ମାନବର ସ୍ୱୟଂ ନିଜର ଜ୍ଞାନ, ଧର୍ମ ଓ ଚରିତ୍ର ପ୍ରଭୃତି ଆଲୋଚନା କରି ନିଜ ସମ୍ବନ୍ଧରେ ମତ ପ୍ରକାଶ କରିଥାଏ । ଏହାକୁ ଆମ୍ଭେମାନେ 'ସ୍ୱଗତ ମନ୍ତବ୍ୟ-ପ୍ରକାଶ' ବୋଲି କହିପାରୁ । ବର୍ତ୍ତମାନ ଦେଖାଯାଉ, ଏହି ସ୍ୱଗତ-ମନ୍ତବ୍ୟ ପ୍ରକାଶରେ କି କି ପ୍ରଣାଳୀରେ ଗତିକରିବାକୁ ହେବ ।

**130.** କେଉଁ ବ୍ୟକ୍ତି ନିଜର ସ୍ୱାଧୀନ ମତ ବ୍ୟକ୍ତ କରନ୍ତି ନାହିଁ ?

(1) ଭୀରୁ ଓ ଦୁର୍ବଳ ବ୍ୟକ୍ତି

(2) ସଂକୀର୍ଣ୍ଣମନା ବ୍ୟକ୍ତି

(3) ଧାର୍ମିକ ବ୍ୟକ୍ତି

(4) ନୀଚ ବ୍ୟକ୍ତି

**131.** ଲୋକେ କାହିଁକି ବିବେକ ବାଣୀର ଉଚ୍ଛ୍ୱାସ ବନ୍ଦ କରି ଦିଅନ୍ତି ?

(1) ଦୁର୍ବଳ ମାନସିକତା ଯୋଗୁ

(2) ନିନ୍ଦା ନପାଇବା ପାଇଁ

(3) ଭୟରେ

(4) ମାନ୍ୟଗଣ୍ୟ ହୋଇଥିବାରୁ

https://www.freshersnow.com/previous-year-question-papers/

132. ନିଜ ସମ୍ବନ୍ଧରେ ମତ ପ୍ରକାଶକୁ କ'ଣ କୁହାଯାଏ ?
(1) ଧାର୍ମିକ ସମାଲୋଚନା
(2) ବିବେକବାଣୀର ଉଚ୍ଛ୍ୱାସ
(3) ସ୍ୱଗତ ସମାଲୋଚନା
(4) ସ୍ୱଗତ ମନ୍ତବ୍ୟ-ପ୍ରକାଶ

133. କେଉଁ ବ୍ୟକ୍ତିଙ୍କର ମହତ୍ତ୍ୱ ନଷ୍ଟ କରିବା ଅବିଧେୟ ?
(1) ସ୍ନେହାସ୍ପଦ ବ୍ୟକ୍ତିଙ୍କର
(2) ସଂକୀର୍ଣ୍ଣମନା ବ୍ୟକ୍ତିଙ୍କର
(3) ଦୁର୍ବଳ ବ୍ୟକ୍ତିଙ୍କର
(4) ମାନ୍ୟଗଣ୍ୟ ବ୍ୟକ୍ତିଙ୍କର

134. ଶିଥିଳତାବଶତଃ ଲୋକେ କ'ଣ କରିବାକୁ ବାଧ୍ୟ ହୁଅନ୍ତି ?
(1) ମନ୍ତବ୍ୟ ପ୍ରକାଶ କରିବାକୁ
(2) ଦୁର୍ବଳତା ପରିତ୍ୟାଗ କରିବାକୁ
(3) ଅସତ୍ୟକୁ ସତ୍ୟ ବୋଲି ଗ୍ରହଣ କରିବାକୁ
(4) ଅହଂକାର ଦୂର କରିବାକୁ

135. କେହି କେହି ସ୍ନେହାସ୍ପଦ ଲୋକ ମାନଙ୍କୁ କିପରି ସମାଲୋଚନା କରନ୍ତି ?
(1) ସ୍ନେହପୂର୍ଣ୍ଣ ଭାବରେ
(2) ଅନୁକୂଳ ଭାବରେ
(3) ଦୋଷକୁ ଦୃଷ୍ଟିନଦେଇ
(4) ହୀନ ଭାବରେ

**ନିର୍ଦ୍ଦେଶାବଳୀ** : ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ସମ୍ଭାବିତ ଉତ୍ତର ଗୁଡିକ ମଧ୍ୟରୁ ଠିକ୍ ଉତ୍ତର ବାଛନ୍ତୁ

136. ଜଣେ ପ୍ରାଥମିକ ସ୍ତରର ଶିକ୍ଷକ ଶିକ୍ଷାର୍ଥୀର ଶ୍ରବଣ ଦକ୍ଷତା କିପରି ବଢାଇ ପାରିବେ ?
(1) ପ୍ରତ୍ୟେକ ଦିନର ରୁଟିନ୍‌ରେ ଏକ ନିର୍ଦ୍ଦିଷ୍ଟ ଶ୍ରବଣ ପାଠ୍ୟ ରଖି
(2) ବେଳେବେଳେ ଏକ ନିର୍ଦ୍ଦିଷ୍ଟ ଅଂଶର ପୁନରାବୃତ୍ତି କରିବାକୁ କହି
(3) ଅନ୍ୟଶିକ୍ଷାର୍ଥୀ କହିବାବେଳେ ଧ୍ୟାନ ଦେଇ ଶୁଣିବାର ପରାମର୍ଶ ଦେଇ
(4) ଶିକ୍ଷାର୍ଥୀ ଯାହା ଶୁଣିଛନ୍ତି ତା ବିଷୟରେ ଚିନ୍ତା କରିବାର ପରାମର୍ଶ ଦେଇ

137. ଗୋଟିଏ ଶ୍ରେଣୀରେ ବିଭିନ୍ନ ଭାଷାଭାଷୀର ଶିକ୍ଷାର୍ଥୀ ଅଛନ୍ତି । ତାଙ୍କପ୍ରତି ଅଧିକ ଧ୍ୟାନ ଦେବାକୁ ଯାଇ ଶିକ୍ଷକ ଅନେକ ସମୟରେ ମୁହଁରେ କହିବା ସହିତ ସରଳ ବାକ୍ୟକୁ ଶବ୍ଦାଂଶ ଅନୁଯାୟୀ ଅଙ୍ଗଭଙ୍ଗୀ ଓ ତାଳିମାରି ଉଚ୍ଚାରଣ କରିଥାନ୍ତି । ତେବେ ଶିକ୍ଷକ ଏକ୍ଷେତ୍ରରେ କେଉଁ କୌଶଳ ଅବଲମ୍ବନ କରିଥାନ୍ତି ?
(1) ଯତିପାତ
(2) ବାସ୍ତବ ବାଦ
(3) ଧ୍ୱନିତାତ୍ତ୍ୱିକ ଜ୍ଞାନ ପ୍ରଦାନ
(4) ବାକ୍ୟଗଠନ କୌଶଳ

138. ଅନ୍ୟକୁ ଠିକ୍ ଭାବରେ ବୁଝିବା ସଂଗେ ସଂଗେ ଅନ୍ୟ ସହିତ ସାର୍ଥକ ବାର୍ତ୍ତାଳାପ କରିବାର ଦକ୍ଷତାକୁ ______ ଜ୍ଞାନ କୁହାଯାଏ ।
(1) ସ୍ଥାନଭିତ୍ତିକ
(2) ଭାଷାତାତ୍ତ୍ୱିକ
(3) ପାରସ୍ପରିକ
(4) ବ୍ୟକ୍ତିକୈନ୍ଦ୍ରିକ

https://www.freshersnow.com/previous-year-question-papers/

**139.** ଯଦି ଜଣେ ଶିକ୍ଷକ କାହାର ଭୁଲ ଉତ୍ତରକୁ ସମର୍ଥନ ଜଣାଉଥାନ୍ତି, ତେବେ ସେ ଶିକ୍ଷାର୍ଥୀର କେଉଁ ଉପାଦାନକୁ ଗୁରୁତ୍ୱ ଦେଉଛନ୍ତି ?

(1) ଶିକ୍ଷାର୍ଥୀର ନାସ୍ତିସୂଚକ ଆଚରଣକୁ ଧ୍ୟାନ ଦେଉଛନ୍ତି

(2) ତାର ଭାଷାତାତ୍ତ୍ୱିକ ଜ୍ଞାନର ବୃଦ୍ଧି ଉପରେ ଦୃଷ୍ଟି ଦେଉଛନ୍ତି ।

(3) ବିଭିନ୍ନ ପ୍ରକାରର ଶିକ୍ଷଣୀୟ ଅବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି

(4) ବାସ୍ତବତାକୁ ଉତ୍ସାହିତ କରୁଛନ୍ତି

**140.** ଯଦି ଜଣେ ଶିକ୍ଷାର୍ଥୀର ଶିକ୍ଷାରେ ଯୋଗଦାନ ଓ ଶିକ୍ଷାରୁ ଜ୍ଞାନ ଆହରଣ ପ୍ରବୃତ୍ତିର ଗତି ଶାରୀରିକ, ମାନସିକ କିମ୍ବା ଶିକ୍ଷଣ ଅପାରଗତା ଯୋଗୁଁ ମନ୍ଥର ହୋଇଯାଏ, ତେବେ ତା' ପାଇଁ କେଉଁ ଉପଚାର କରିବା ଆବଶ୍ୟକ ?

(1) ପ୍ରତିକାର ବ୍ୟବସ୍ଥା

(2) ଶ୍ରେଣୀବ୍ୟବସ୍ଥା ତତ୍ତ୍ୱାବଧାନ

(3) ମାନବିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା

(4) ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା

**141.** ମୂଲ୍ୟାୟନର ଆଧାର ହେଲା

(1) ମୂଲ୍ୟାୟନ ନିର୍ଦ୍ଦେଶ

(2) ପ୍ରଶ୍ନ ଅନୁଯାୟୀ ମୂଲ୍ୟାଙ୍କ ବିତରଣ

(3) ଶିକ୍ଷାର୍ଥୀଙ୍କ ଦକ୍ଷତା ଉପରେ ମୋଟାମୋଟି ଧାରଣା

(4) ମୂଲ୍ୟାୟନ ସରଞ୍ଜାମ

**142.** ଏଥିମଧ୍ୟରୁ କେଉଁଟିର ଉଚ୍ଚାରଣ ସମାନ ?

(1) ପିତ / ପିତ୍ତ

(2) ଅସୀ / ଅଶୀ

(3) ସମାନ / ସମ୍ମାନ

(4) କାଯ୍ୟା / ବାଯ୍ୟା

**143.** ଗଠନମୂଳକ ଏକ ପ୍ରକାର ତତ୍ତ୍ୱ ଯେଉଁଥିରେ ଶିକ୍ଷାର୍ଥୀ –

(1) ନିଜର ବିଶ୍ୱ ସଂପର୍କୀୟ ଜ୍ଞାନରୁ, ନିଜର ଅନୁଭୂତିରୁ, ଏବଂ ଅନୁଭୂତିକୁ ଆଧାରକରି କିଛି କରିଥାନ୍ତି

(2) ବିଭିନ୍ନ ପ୍ରକାର ସାମଞ୍ଜସ୍ୟ ବିହୀନ ଉଦାହରଣକୁ ଭିତ୍ତି କରି ନିର୍ଣ୍ଣୟ କରିଥାନ୍ତି

(3) ଶିକ୍ଷକଙ୍କ ସହାୟତା ଓ ବିଭିନ୍ନ ପ୍ରକାରର ଗବେଷଣାର ଫଳକୁ ଆଧାରକରି ତତ୍ତ୍ୱ ନିର୍ଣ୍ଣୟ କରିଥାନ୍ତି

(4) ନିଜର ଶିକ୍ଷଣ ସରଞ୍ଜାମ ପ୍ରସ୍ତୁତ କରି ଅନେକ ଉପଲବ୍ଧି ହାସଲ କରିଥାନ୍ତି

**144.** ଧ୍ୱନି, ଶବ୍ଦର ବିଭାଗ, ଶାବ୍ଦିକ ବିଭେଦ ତଥା ସଂଦେଶର ନିର୍ଦ୍ଦିଷ୍ଟ ଭାଗକୁ ଚିହ୍ନଟ କରିବାକୁ _____ କୁହାଯାଏ ।

(1) ପଠନ

(2) ଲିଖନ

(3) ଶ୍ରବଣ

(4) କଥନ

**145.** ତାହାକୁ ବିଷୟଭିତ୍ତିକ ଉପାୟ କୁହାଯାଏ, ଯାହାଦ୍ୱାରା ଶିକ୍ଷା ଅନୁଭୂତି _____ କୁ କେନ୍ଦ୍ରକରି ଏକତ୍ର କରାଯାଇଥାଏ ।

(1) ଶିକ୍ଷାର୍ଥୀଙ୍କ ଆଗ୍ରହ

(2) ପାଠ୍ୟକ୍ରମ

(3) ଶିକ୍ଷକଙ୍କର ବିଷୟ ଉପରେ ଦକ୍ଷତା

(4) ଶିକ୍ଷା ଆଧାରିତ ଶିଳ୍ପ

https://www.freshersnow.com/previous-year-question-papers/

**146.** ଯାହା _____ ମାଧ୍ୟମରେ ଦିଆଯାଇଥାଏ, ତାହାକୁ ଶିକ୍ଷାର ଦାନ ଭାବରେ ଗ୍ରହଣ କରାଯାଏ ।

(1) ଆଇକ୍ୟୁ ପରୀକ୍ଷା

(2) ଇ:କ୍ୟୁ: ପରୀକ୍ଷା

(3) ଶିକ୍ଷକ ଓ ପିତାମାତା

(4) କର୍ମବର୍ଦ୍ଧିଷ୍ଣୁ ବିବରଣ

**147.** ଜଣେ ମାଧ୍ୟମିକ ଶିକ୍ଷକ ଧାରାବାହିକ ଭାବେ ସମ୍ବାଦ ଓ ପତ୍ରିକାରେ ବାହାରିଥିବା ଆନ୍ତର୍ଜାତିକ ସଂଗଠନ ଉପରେ ଲିଖିତ ରଚନାକୁ ବିଭିନ୍ନ ଭାଷା ଉପରେ ଜ୍ଞାନ ଯୋଗାଇବା ପାଇଁ ବ୍ୟବହାର କରନ୍ତି । ଏପ୍ରକାରର ପ୍ରଚେଷ୍ଟା କେଉଁ ଉଦ୍ଦେଶ୍ୟ ସାଧନ କରିଥାଏ ?

(1) ବିଭିନ୍ନ ବହୁଭାଷୀ ସଂପ୍ରଦାୟ ଓ ସେମାନଙ୍କର ସଂଗଠନ ଉପରେ ଜ୍ଞାନ ଦେଇଥାଏ

(2) କେଉଁ ପରିସ୍ଥିତିରେ ଲୋକେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯିବାକୁ ବାଧ୍ୟ ହୋଇଥାନ୍ତି ସେ ସଂପର୍କରେ ଜାଣିବାକୁ ମିଳିଥାଏ

(3) ଆନ୍ତର୍ଜାତିକ ସ୍ତରରେ ଜଣେ ଦ୍ୱିଭାଷୀ ହେବାର ଉପଯୋଗିତା ସଂପର୍କରେ ଜଣାଇବାରେ ସାହାଯ୍ୟ କରିଥାଏ

(4) ସେମାନେ ଭବିଷ୍ୟତରେ କେଉଁଠାରେ ରହିବାକୁ ପସନ୍ଦ କରିବେ ସେ ସଂପର୍କୀୟ ଜ୍ଞାନ ଯୋଗାଇଥାଏ

**148.** ଶ୍ରବଣ – କଥନ ମୂଲ୍ୟାୟନରେ ନିମ୍ନରେ ଦିଆଯାଇଥିବା ପ୍ରଶ୍ନୋତ୍ତରର କିପରି ମୂଲ୍ୟାୟନ କରିବେ ?

ଶିକ୍ଷକ – ଦିଲ୍ଲୀର ପବନ କୁହୁଡ଼ିଆ କାହିଁକି ?

ଶିକ୍ଷାର୍ଥୀ-1 : ମୁଖ୍ୟତଃ ଧୂଆଁ ଓ ଧୂଳି ପାଇଁ

ଶିକ୍ଷାର୍ଥୀ-2 : ମୋ ଉତ୍ତର ମଧ୍ୟ ସମାନ : ଏଇଟା ମଧ୍ୟ କୁହୁଡିଆ

(1) ଶିକ୍ଷାର୍ଥୀ-1 ଭୁଲ ଉତ୍ତର
ଶିକ୍ଷାର୍ଥୀ-2 ଠିକ୍ ଉତ୍ତର

(2) ଶିକ୍ଷାର୍ଥୀ-1 ଠିକ୍ ଉତ୍ତର
ଶିକ୍ଷାର୍ଥୀ-2 ଭୁଲ ଉତ୍ତର

(3) ଶିକ୍ଷାର୍ଥୀ-1 ଭୁଲ ଉତ୍ତର
ଶିକ୍ଷାର୍ଥୀ-2 ଭୁଲ ଉତ୍ତର

(4) ଶିକ୍ଷାର୍ଥୀ-1 ଠିକ୍ ଉତ୍ତର
ଶିକ୍ଷାର୍ଥୀ-2 ଠିକ୍ ଉତ୍ତର

**149.** ପାଠ୍ୟ ମଧ୍ୟରେ ଥିବା ଶବ୍ଦର 'ମୂଲ୍ୟ' କହିଲେ କ'ଣ ବୁଝାଏ ?

(1) ପ୍ରସଙ୍ଗ ଅନୁଯାୟୀ ତା'ର ପରୋକ୍ଷ ବ୍ୟବହାର

(2) ଶବ୍ଦର ବହୁବାର ବ୍ୟବହାର

(3) ଶବ୍ଦର ଶାବ୍ଦିକ ଅର୍ଥ କିମ୍ବା ଭାଷାକୋଷରେ ଦିଆଯାଇଥିବା ଅର୍ଥ

(4) ପ୍ରସଙ୍ଗ ଅନୁଯାୟୀ ପାଠ୍ୟରେ ସେ ଶବ୍ଦର ମହତ୍ତ୍ୱ

**150.** କେଉଁ ଭାଷା ଶିକ୍ଷାରେ ଶିକ୍ଷାର୍ଥୀର ଯୋଗଦାନ ଉପରେ ଗୁରୁତ୍ୱ ଦିଆଯାଇଥାଏ :

(1) ବ୍ୟାକରଣିକ ଅନୁବାଦ

(2) ଦ୍ୱିଭାଷିକ

(3) ପ୍ରକାଶପ୍ରିୟ

(4) ଅନିୟମାନୁଗତ

https://www.freshersnow.com/previous-year-question-papers/

## SPACE FOR ROUGH WORK

https://www.freshersnow.com/previous-year-question-papers/

# SPACE FOR ROUGH WORK

https://www.freshersnow.com/previous-year-question-papers/

***ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :***

1. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର ପୃଷ୍ଠା-2 ରେ ନୀଳ କିମ୍ବା କଳା ବଲ୍ ପଏଣ୍ଟ ପେନ୍‌ରେ ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।
2. ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଜାଗାରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।
3. ପ୍ରଶ୍ନପତ୍ର ଓ ଉତ୍ତର ଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।
4. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତରଖାତାର କ୍ର.ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।
5. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।
6. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ତନଖି ନିମିତ୍ତ ଦେଖାଇବେ ।
7. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ଭିନ୍ନ କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।
8. ପରୀକ୍ଷକଙ୍କୁ ଉତ୍ତର ଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନ ଥିବା ପରୀକ୍ଷାର୍ଥୀ ଉତ୍ତର ଖାତା ଦେଇ ନାହାନ୍ତି ଏବଂ ଅସାଧୁକାର୍ଯ୍ୟରେ ଲିପ୍ତ ଅଛନ୍ତି, ବୋଲି ଧରିନିଆଯିବ ।
9. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।
10. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
11. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତରପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ କରାଯାଇପାରିବ ନାହିଁ ।
12. **ପରୀକ୍ଷା ସରିଲା ପରେ, ଉତ୍ତର ପତ୍ରକୁ ଅବିକଳ ପରୀକ୍ଷାକକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇ ପାରିବେ ।**

https://www.freshersnow.com/previous-year-question-papers/

**READ CAREFULLY THE FOLLOWING INSTRUCTIONS :**

1. Out of the four alternatives for each question, only one circle for the correct answer is to be darkened completely with Blue/Black Ball Point Pen on Side-2 of the OMR Answer Sheet. The answer once marked is not liable to be changed.
2. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
3. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
4. The candidates will write the correct Test Booklet Code and Number as given in the Test Booklet / Answer Sheet in the Attendance Sheet.
5. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the examination hall/ room.
6. Each candidate must show on demand his / her Admission Card to the Invigilator.
7. No candidate, without special permission of the Superintendent or Invigilator, should leave his / her seat.
8. The candidates should not leave the Examination Hall without handing over their Answer Sheet to the Invigilator on duty and sign the Attendance Sheet twice. Cases where a candidate has not signed the Attendance Sheet a second time will be deemed not to have handed over the Answer Sheet and dealt with as an unfair means case.
9. Use of Electronic / Manual Calculator is prohibited.
10. The candidates are governed by all Rules and Regulations of the Board with regard to their conduct in the Examination Hall. All cases of unfair means will be dealt with as per Rules and Regulations of the Board.
11. No part of the Test Booklet and Answer Sheet shall be detached under any circumstances.
12. **On completion of the test, the candidate must hand over the Answer Sheet to the Invigilator in the Room / Hall. *The candidates are allowed to take away this Test Booklet with them.***

**निम्नलिखित निर्देश ध्यान से पढ़ें :**

1. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के पृष्ठ-2 पर केवल एक वृत्त को ही पूरी तरह नीले/काले बॉल पॉइन्ट पेन से भरें । एक बार उत्तर अंकित करने के बाद उसे बदला नहीं जा सकता है ।
2. परीक्षार्थी सुनिश्चित करें कि इस उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ । परीक्षार्थी अपना अनुक्रमांक उत्तर पत्र में निर्धारित स्थान के अतिरिक्त अन्यत्र न लिखें ।
3. परीक्षा पुस्तिका एवं उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर पत्र के संकेत या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी ।
4. परीक्षा पुस्तिका / उत्तर पत्र में दिए गए परीक्षा पुस्तिका संकेत व संख्या को परीक्षार्थी सही तरीके से हाज़िरी-पत्र में लिखें ।
5. परीक्षार्थी द्वारा परीक्षा हॉल/कक्ष में प्रवेश कार्ड के सिवाय किसी प्रकार की पाठ्य सामग्री, मुद्रित या हस्तलिखित, कागज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है ।
6. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-कार्ड दिखाएँ ।
7. अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें ।
8. कार्यरत निरीक्षक को अपना उत्तर पत्र दिए बिना एवं हाज़िरी-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल नहीं छोड़ेंगे । यदि किसी परीक्षार्थी ने दूसरी बार हाज़िरी-पत्र पर हस्ताक्षर नहीं किए तो यह माना जाएगा कि उसने उत्तर पत्र नहीं लौटाया है और यह अनुचित साधन का मामला माना जाएगा ।
9. इलेक्ट्रॉनिक / हस्तचालित परिकलक का उपयोग वर्जित है ।
10. परीक्षा-हॉल में आचरण के लिए परीक्षार्थी बोर्ड के सभी नियमों एवं विनियमों द्वारा नियमित हैं । अनुचित साधनों के सभी मामलों का फैसला बोर्ड के नियमों एवं विनियमों के अनुसार होगा ।
11. किसी हालत में परीक्षा पुस्तिका और उत्तर पत्र का कोई भाग अलग न करें ।
12. **परीक्षा सम्पन्न होने पर, परीक्षार्थी कक्ष / हॉल छोड़ने से पूर्व उत्तर पत्र कक्ष-निरीक्षक को अवश्य सौंप दें । *परीक्षार्थी अपने साथ इस परीक्षा पुस्तिका को ले जा सकते हैं ।***

SEAL

https://www.freshersnow.com/previous-year-question-papers/